# NATIONAL NEWS BULLETIN (ODIA)
## 26 August - 2024
## Morning Bulletin : 7.15 A.M.

**************************************

## ମୁଖ୍ୟ ସମ୍ବାଦ

- ନ୍ୟାୟ ପ୍ରକ୍ରିୟାକୁ ଯଥାସମ୍ଭବ ସରଳ ଏବଂ ସ୍ୱଷ୍ଟ କରିବା ଏକ ସାମୂହିକ ଦାୟିତ୍ୱ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସିଙ୍ଗାପୁରଠାରେ  ବ୍ୟବସାୟୀ ଗୋଷ୍ଠୀଙ୍କ ସହ ବାଣିଜ୍ୟ ଓ ପୁଞ୍ଜିନିବେଶ ପ୍ରସଙ୍ଗରେ ଆଲୋଚନା କଲେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ।
- ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମପର୍ବ ଜନ୍ମାଷ୍ଟମୀ ଆଜି ସମଗ୍ର ଦେଶରେ ପାଳିତ ହେଉଛି ।
- ଆଞ୍ଚଳିକ ନିରାପତ୍ତା ଏବଂ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଥିବା ପରିସ୍ଥିତିକୁ ତୁରନ୍ତ ନିୟନ୍ତ୍ରଣ କରିବାକୁ ଇସ୍ରାଏଲ୍ ଏବଂ ହିଜିବୁଲ୍ଲାକୁ ପରାମର୍ଶ ଦେଲେ ଜାତିସଂଘ ମହାସଚିବ ।

ଏବଂ

- ୨୦ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ ପ୍ରତିଯୋଗିତାର ସେମିଫାଇନାଲ୍ ରେ ଆଜି ଭାରତ ଓ ବାଂଲାଦେଶ ମଧ୍ୟରେ ହେବ ମୁକାବିଲା ।

# ଜୟପୁର-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ନ୍ୟାୟ ପ୍ରକ୍ରିୟାକୁ ଯଥାସମ୍ଭବ ସରଳ ଏବଂ ସ୍ପଷ୍ଟ କରିବା ଏକ ସାମୂହିକ ଦାୟିତ୍ୱ । ଯୋଧପୁରଠାରେ ରାଜସ୍ଥାନ ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଉତ୍ସବର ଉଦ୍‌ଯାପନୀ ସମାରୋହକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ନ୍ୟାୟ ପ୍ରକ୍ରିୟାକୁ ସରଳ କରିବା ଦିଗରେ ଅନେକ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ ପୁରାତନ ଓ ଅନାବଶ୍ୟକ ଆଇନକୁ ସରକାର ରଦ୍ଦ କରିଛନ୍ତି । ନିକଟରେ ଅପରାଧିକ ଆଇନରେ ହୋଇଥିବା ପରିବର୍ତ୍ତନ ସମୟର ଆବଶ୍ୟକତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ନୂତନ ସଂସ୍କାର ଏବଂ ବିକଶିତ ଭାରତ ଗଠନ ପାଇଁ ବ୍ୟବସ୍ଥାର ଆଧୁନିକୀକରଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବୈଷୟିକ ଜ୍ଞାନକୌଶଳ ନ୍ୟାୟିକ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଇ-କୋର୍ଟ ପ୍ରକଳ୍ପ ଏହାର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ସେ କହିଛନ୍ତି । ଦେଶର ୧୮ ହଜାରରୁ ଅଧିକ ଅଦାଲତକୁ କମ୍ପ୍ୟୁଟରୀକରଣ କରାଯାଇଛି । ବିକଳ୍ପ ବିବାଦ ପ୍ରଣାଳୀର ବ୍ୟବସ୍ଥା ଜୀବନଯାପନକୁ ସହଜ କରିବା ସହ ନ୍ୟାୟ ପ୍ରଦାନକୁ ତ୍ୱରିତ କରିପାରୁଛି । ନ୍ୟାୟପାଳିକା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦେଶର ସଂକଳ୍ପକୁ ସୁଦୃଢ଼ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ରାଜସ୍ଥାନ ହାଇକୋର୍ଟର ସଂଗ୍ରହାଳୟକୁ

ଉଦ୍‌ଘାଟନ କରିଥିଲେ । ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ହରିଭାଓ କିଷନରାଓ ବାଗ୍‌ଡେ, ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ସଂଜୀବ ଖାନ୍ନା, କେନ୍ଦ୍ର ଆଇନ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏବଂ ରାଜସ୍ଥାନ ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ଏମ୍.ଏମ୍.ଶ୍ରୀବାସ୍ତବ ଉଦ୍‌ବୋଧନ ଦେଇଥିଲେ ।

# ବ୍ରାଜିଲ୍ ଏଫ୍‌ଏମ୍-ଭିଜିଟ୍

ବ୍ରାଜିଲର ବୈଦେଶିକ ମନ୍ତ୍ରୀ ମାଉରୋ ଭିଏରା ଚାରିଦିନିଆ ଭାରତ ଗସ୍ତରେ ଆସି ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି ଭାରତ ଏବଂ ବ୍ରାଜିଲ ମଧ୍ୟରେ ରଣନୈତିକ ଭାଗିଦାରୀକୁ ଅଧିକ ପ୍ରୋତ୍ସାହିତ କରିବା ଶ୍ରୀ ଭିଏରାଙ୍କ ଗସ୍ତର ଉଦ୍ଦେଶ୍ୟ । ଶ୍ରୀ ଭିଏରା ଆଜି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ନବମ ଭାରତ- ବ୍ରାଜିଲ ଯୁଗ୍ମ କମିଶନ ବୈଠକରେ ସହ-ଅଧ୍ୟକ୍ଷତା କରିବେ ।

ମନ୍ତ୍ରଣାଳୟ କହିଛି ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ ଦିଆଯାଇଥିବା ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟକାରୀତା ନେଇ ଶ୍ରୀ ଭିଏରା ତାଙ୍କ ଗସ୍ତ ସମୟରେ ଆଲୋଚନା କରିବେ । ସୂଚନାଯୋଗ୍ୟ ବ୍ରାଜିଲ ଚଳିତବର୍ଷ ଜି-୨୦ ରାଷ୍ଟ୍ରଗୋଷ୍ଠୀ ସଂଘର ଅଧ୍ୟକ୍ଷତା କରୁଛି । ଦୁଇଦେଶ ମଧ୍ୟରେ ୨୦୦୬ରେ ସ୍ଥାପିତ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ

ସହଯୋଗର ନୂତନ ମାର୍ଗ ଉନ୍ମୁକ୍ତ କରିବାରେ ଶ୍ରୀ ଭିଏରାଙ୍କର ଏହି ଗସ୍ତ ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## ଜନ୍ମାଷ୍ଟମୀ

ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମପର୍ବ ଜନ୍ମାଷ୍ଟମୀ ଆଜି ସମଗ୍ର ଦେଶରେ ପାଳିତ ହେଉଛି। ଉତ୍ତରପ୍ରଦେଶର ମଥୁରା ଓ ବୃନ୍ଦାବନରେ ବିଶେଷ ଆୟୋଜନ କରାଯାଇଛି । ମଥୁରାର ବାଙ୍କେବିହାରୀ ମନ୍ଦିର, ପ୍ରେମ୍ ମନ୍ଦିର, ଇସ୍କନ ମନ୍ଦିର ଏବଂ ଶ୍ରୀକୃଷ୍ଣ ଜନ୍ମଭୂମି ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ଦେଶର ବିଭିନ୍ନ ପ୍ରାନ୍ତରେ ମଧ୍ୟ ଅତ୍ୟନ୍ତ ନିଷ୍ଠା ଓ ଶ୍ରଦ୍ଧାର ସହ ଏହି ପର୍ବ ପାଳନ କରାଯାଉଛି ।

ଜନ୍ମାଷ୍ଟମୀର ଅବ୍ୟବହିତ ପୂର୍ବରୁ ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଆନନ୍ଦର ଏହି ପର୍ବ ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆଦର୍ଶରେ ନିଜକୁ ସମର୍ପିତ କରିବାକୁ ପ୍ରେରଣା ଦେଇଥାଏ।

## ଇସ୍ରାଏଲ୍-ହିଜିବୁଲା-ୟୁଏନ୍ ସେକ୍ରେଟାରୀ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଆଞ୍ଚଳିକ ନିରାପତ୍ତା ଏବଂ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଥିବା ପରିସ୍ଥିତିକୁ ତୁରନ୍ତ ନିୟନ୍ତ୍ରଣ କରିବାକୁ ଇସ୍ରାଏଲ୍ ଏବଂ ହିଜିବୁଲ୍ଲାକୁ ପରାମର୍ଶ ଦେଇଛନ୍ତି ।

ଲେବାନନ୍‌ରେ ହିଜିବୁଲ୍ଲା ଲକ୍ଷ୍ୟସ୍ଥଳୀଗୁଡ଼ିକ ଉପରେ ଇସ୍ରାଏଲ୍‌ର ବିମାନ ଆକ୍ରମଣ ଏବଂ ଏହାର ଜବାବରେ ହିଜିବୁଲ୍ଲା ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଯୋଗୁଁ ଉଭୟ ପକ୍ଷ ଗତକାଲି ଠାରୁ ମୁହାମୁହିଁ ପରିସ୍ଥିତିକୁ ଆସିଯାଇଛନ୍ତି । ସେହି ଅଞ୍ଚଳରେ ଉତ୍ତେଜନା ହ୍ରାସ ଏବଂ ଶତ୍ରୁତାକୁ ବନ୍ଦ କରିବା ଲକ୍ଷ୍ୟରେ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପକୁ କାର୍ଯ୍ୟକାରୀ କରିବାକୁ ଶ୍ରୀଗୁଟେରସ୍ ଉଭୟ ପକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି । ବେରୁଟ୍‌ରେ ଗତମାସରେ  ଇସ୍ରାଏଲ୍ ଦ୍ୱାରା ହିଜିବୁଲ୍ଲାର ଅନ୍ୟତମ ପ୍ରତିଷ୍ଠାତା ନେତା ଫୌଓ୍ୱାଦ ସୁକୁରଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ହିଜିବୁଲ୍ଲା ପ୍ରସ୍ତୁତ ହେଉଥିବା ବେଳେ ଇସ୍ରାଏଲ୍ ପକ୍ଷରୁ ଆଗୁଆ ଆକାଶମାର୍ଗରୁ ଆକ୍ରମଣ ଆରମ୍ଭ ହୋଇଥିଲା ।

ଅନ୍ୟପକ୍ଷରେ ଇସ୍ରାଏଲ୍ ଅଧିକୃତ ଗୋଲାନ୍ ହାଇଟ୍‌ସ ଅଞ୍ଚଳର ସାମରିକ ଘାଟୀ ଗୁଡ଼ିକ ଉପରେ  ହିଜିବୁଲ୍ଲା ପକ୍ଷରୁ ୩୨୧ଟି ରକେଟ୍ ଏବଂ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରାଯାଇଛି ।

# ପିୟୁଷ୍-ସିଙ୍ଗାପୁର

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ସିଙ୍ଗାପୁରଠାରେ ଗତକାଲି ବ୍ୟବସାୟୀ ଗୋଷ୍ଠୀଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପୁଞ୍ଜିନିବେଶ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଭାରତ ଏବଂ ସିଙ୍ଗାପୁର ମଧ୍ୟରେ ବିଭିନ୍ନ

କ୍ଷେତ୍ରରେ ପାରସ୍ପରିକ ଅଭିବୃଦ୍ଧି ଏବଂ ସହଯୋଗ ଉପରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗୋୟଲ ସିଙ୍ଗାପୁରସ୍ଥିତ ଆଇ.ଟି.ଇ. ମୁଖ୍ୟାଳୟ ଏବଂ  କେନ୍ଦ୍ରୀୟ କଲେଜ ପରିଦର୍ଶନ କରିଥିଲେ ।

## ଆଇଏନ୍‌ଏସ୍ ମୁମ୍ବାଇ

ଭାରତୀୟ ନୌବାହିନୀର ଯୁଦ୍ଧ ଜାହାଜ ଆଇ.ଏନ୍.ଏସ୍. ମୁମ୍ବାଇ ତିନି ଦିନିଆ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ  ଆଜି କଲମ୍ବୋରେ ପହଞ୍ଚିବ । ତିନିଦିନ ରହଣୀ ଅବସରରେ ଆଇ.ଏନ୍.ଏସ୍. ମୁମ୍ବାଇ ଶ୍ରୀଲଙ୍କା ନୌବାହିନୀର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବ । ଏହି କାର୍ଯ୍ୟକ୍ରମ ମଧ୍ୟରେ କ୍ରୀଡ଼ା, ଯୋଗ, ଉପକୂଳ ସଫେଇ କାର୍ଯ୍ୟକ୍ରମ ଆଦି ରହିଛି । ଏହି ଜାହାଜକୁ ଆନୁଷ୍ଠାନିକ ଭାବେ ଶ୍ରୀଲଙ୍କା ନୌବାହିନୀ ସ୍ୱାଗତ କରିବ ।

ସୂଚନାଯୋଗ୍ୟ ଆଇ.ଏନ୍.ଏସ୍. ମୁମ୍ବାଇ ଯୁଦ୍ଧ ଜାହାଜ ଭାରତୀୟ ନୌବାହିନୀରେ ୨୦୦୧ ମସିହା ଜାନୁଆରୀ ୨୨ ତାରିଖରେ ଯୋଗଦେଇଥିଲା । ଗତବର୍ଷ ଡିସେମ୍ବର ୮ ତାରିଖରେ ଏହି ଜାହାଜକୁ ପୁଣି ବିକଶିତ କରାଯାଇ ବିଶାଖା ପାଟଣାର ପୂର୍ବ ନୌ-କମାଣ୍ଡରେ ସାମିଲ କରାଯାଇଥିଲା । ପ୍ରଥମଥର ପାଇଁ ଆଇ.ଏନ୍.ଏସ୍. ମୁମ୍ବାଇ ଶ୍ରୀଲଙ୍କା ଯିବ,

ଏଥିସହିତ ଶ୍ରୀଲଙ୍କାକୁ ଗସ୍ତ କରୁଥିବା ଭାରତୀୟ ନୌବାହିନୀର ଏହା ଅଷ୍ଟମ ଜାହାଜ ହେବ । ଆଇ.ଏନ୍.ଏସ୍. ମୁମ୍ବାଇ ଆସନ୍ତା ୨୯ ତାରିଖ ଦିନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ ।

## ବାଂଲାଦେଶ-ଇଲେକ୍ସନ

ବାଂଲାଦେଶରେ ସାଧାରଣ ନିର୍ବାଚନ ଏକ ରାଜନୈତିକ ନିଷ୍ପତ୍ତିର ବିଷୟ । ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ଷମତାରେ ରହିବାରେ ସମୟସୀମା ବାଂଲାଦେଶ ନାଗରିକ ସ୍ଥିର କରିବେ ବୋଲି ସରକାରଙ୍କ ମୁଖ୍ୟ ପ୍ରଫେସର ମହମ୍ମଦ ୟୁନୁସ୍ କହିଛନ୍ତି । ବାଂଲାଦେଶ ଟେଲିଭିଜନ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଫେସର ୟୁନୁସ୍ ଏହା କହିଛନ୍ତି । ସେ କହିଛନ୍ତି ପ୍ରଶାସନ, ନ୍ୟାୟପାଳିକା, ନିର୍ବାଚନ ଆୟୋଗ, ନିର୍ବାଚନ ବ୍ୟବସ୍ଥା ଏବଂ ଆଇନଶୃଙ୍ଖଳା କ୍ଷେତ୍ରରେ ଆବଶ୍ୟକ ସଂସ୍କାର ପରେ ଦେଶରେ ମୁକ୍ତ, ନିରପେକ୍ଷ ଏବଂ ଅଂଶୀଦାର ସଂପନ୍ନ ନିର୍ବାଚନ ଅନୁଷ୍ଠିତ ହେବା ସମ୍ଭବ ।

ସେ କହିଛନ୍ତି ବାଂଲାଦେଶ ଅନ୍ୟ ଦେଶଗୁଡ଼ିକ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇ ଆସିଛି । ପାରସ୍ପରିକ ବିଶ୍ୱାସ ଏବଂ ସହଯୋଗ ବାଂଲାଦେଶ ବୈଦେଶିକ ନୀତିର ଅଂଶ ବିଶେଷ ବୋଲି ପ୍ରଫେସର ୟୁନୁସ୍ କହିଛନ୍ତି । ମାନବାଧିକାର ସହିତ ସମସ୍ତ ଆନ୍ତର୍ଜାତିକ

ଆଇନକୁ ମଧ୍ୟବର୍ତ୍ତୀକାଳୀନ ସରକାର ସମ୍ମାନ ଦେଉଛନ୍ତି ବୋଲି ସେ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଚକ୍ଷୁଦାନର ମହତ୍ତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ରାମମନୋହର ଲୋହିଆ ହସ୍ପିଟାଲର ଚକ୍ଷୁ ବିଭାଗ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିଖା ଜୈନ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ଓ୍ୱେବ୍ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ସାଫ୍

୨୦ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟରେ ଆଜି ଭାରତ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ନେପାଳର କାଠମାଣ୍ଡୁସ୍ଥିତ ଏ.ଏନ୍.ଏଫ୍.ଏ. କଂପ୍ଲେକ୍ସରେ ଭାରତୀୟ ସମୟ ଅପରାହ୍ନ ୨ଟା ୪୫ରେ ଏହି ମ୍ୟାଚ୍ ଖେଳାଯିବ । ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଭୂଟାନ ଓ ମାଳଦୀପକୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରଂଜନ ଚୌଧୁରୀ କହିଛନ୍ତି ବାଂଲାଦେଶ ଏକ ଶକ୍ତିଶାଳୀ ଦଳ ଏବଂ ଏହି ମ୍ୟାଚ୍‌କୁ ଜିତିବାକୁ ହେଲେ ଭାରତୀୟ ଦଳକୁ ଉତ୍ତମ ପ୍ରଦର୍ଶନ କରିବାକୁ ପଡ଼ିବ ।

# ଏସିଆନ୍ ସାର୍ଫିଙ୍ଗ ଚମ୍ପିୟାନ୍‌ସିପ୍

ମାଳଦୀପର ଥୁଲୁସ୍‌ଧୁ ଠାରେ ଚାଲିଥିବା ଏସିଆନ୍ ସାର୍ଫିଙ୍ଗ ଚମ୍ପିୟାନ୍‌ସିପ୍-୨୦୨୪ର ଦଳଗତ ଇଭେଣ୍ଟରେ ଭାରତ ରୌପ୍ୟ ପଦକ ହାସଲ କରିଛି । ଫାଇନାଲ୍‌ରେ ଜାପାନଠାରୁ ଭାରତୀୟ ଦଳ ପରାସ୍ତ ହୋଇଥିଲା । ତାଇପେ ଏବଂ ଚୀନ୍ ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ରହିଛନ୍ତି । ସୂଚନାଯୋଗ୍ୟ ଆଗାମୀ ୨୦୨୬ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଏବଂ ମହିଳା ସର୍ଫିଙ୍ଗ ଦଳ ପ୍ରଥମ ଥର ପାଇଁ ଭାଗ ନେବାକୁ ଯୋଗ୍ୟତା ହାସଲ କରିଥିବା ଜଣାପଡ଼ିଛି ।